# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16 January - 2025**

**News Editor : *Tapan Kumar Moharana***

********************************

## ମୁଖ୍ୟ ସମ୍ବାଦ

- ଗଣତାନ୍ତ୍ରିକ ରାଷ୍ଟ୍ର ସିଙ୍ଗାପୁରର ରାଷ୍ଟ୍ରପତି ଆସନ୍ତାକାଲିଠୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ।

- କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଷ୍ଟମ ବେତନ ଆୟୋଗକୁ ମିଳିଲା ମଞ୍ଜୁରୀ ।

- ରାଜ୍ୟରେ ଚଳିତମାସରୁ ପଦ୍ମ ପୁରସ୍କାର ବିଜେତାଙ୍କୁ ମାସିକ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ସରକାରଙ୍କ ନିଷ୍ପତ୍ତି ।

ଏବଂ

- ରାଞ୍ଚିସ୍ଥିତ ଜୟପାଲସିଂହ ମୁଣ୍ଡା ହକି ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ଓଡ଼ିଶା ୱାରିଅର୍ସ ଏବଂ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଜାରି ରହିଛି ।

## ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଗଣତାନ୍ତ୍ରିକ ରାଷ୍ଟ୍ର ସିଙ୍ଗାପୁରର ରାଷ୍ଟ୍ରପତି ଥରମନ ସାନମୁଗରତନମ ଆସନ୍ତାକାଲି ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ନେଇ ବୈଦେଶିକ ମନ୍ତ୍ରଣାଳଳୟ ପକ୍ଷରୁ ସୂଚନା ମିଳିଛି । ସେ ପୂର୍ବାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚିବା ପରେ ଅପରାହ୍ନ ୨ ଟାରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବେ। ସେହିପରି ଅପରାହ୍ନ ୪ ଟାରେ ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ କରିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷରେ ଆସନ୍ତା ଶନିବାର ଦିନ ପୁରୀ ଜିଲ୍ଲାର ରଘୁରାଜପୁର ହେରିଟେଜ ଭିଲେଜ ବୁଲି ଦେଖିବା ସହ କୋଣାର୍କ ମନ୍ଦିର ପରିଦର୍ଶନ କରିବେ । ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଅନ୍ଧାରୁଆରେ ଥିବା ଭାରତ ବାୟୋଟେକ ର ଟୀକା ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରି ଅଧିକାରୀ ମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସିଙ୍ଗାପୁର ରାଷ୍ଟ୍ରପତିଙ୍କ  ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ ଟ୍ରାଫିକ କଟକଣା ଜାରି କରାଯାଇଛି ।

## ଅଷ୍ଟମ ବେତନ ଆୟୋଗ

କେନ୍ଦ୍ର ସରକାର ଅଷ୍ଟମ ବେତନ ଆୟୋଗକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅଷ୍ଟମ ବେତନ ଆୟୋଗ ପାଇଁ ନିଷ୍ପତ୍ତି ନିଆଯାଇଛି । ଫଳରେ ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀ ଉପକୃତ

ହେବେ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ସମସ୍ତ ରାଜ୍ୟ ସରକାର ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସହିତ ଆଲୋଚନା ପରେ ମଞ୍ଜୁରୀ ପ୍ରଦାନ କରାଯାଇଛି । କମିଶନକୁ ଆସନ୍ତାବର୍ଷ ସୁଦ୍ଧା ଏହାର ରିପୋର୍ଟ ଦାଖଲ କରିବାକୁ ପଡିବ । କମିଶନ'ର ରିପୋର୍ଟ ଆଧାରରେ କର୍ମଚାରୀଙ୍କ ଦରମା ଏବଂ ପେନ୍‌ସନ ଭୋଗୀଙ୍କ ଅର୍ଥରାଶି ବୃଦ୍ଧି କରାଯିବ । ଏନେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କୁହନ୍ତି...

**- V/O –**

**ହାଇକୋର୍ଟ-କମ୍ପୋଷ୍ଟ ସେଣ୍ଟର ବନ୍ଦ**

କଟକ ସହରରେ ଥିବା ୧୩ଟି କ୍ଷୁଦ୍ର ଆବର୍ଜନା କେନ୍ଦ୍ରର ମଧ୍ୟରୁ ୨ଟି ବନ୍ଦ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସତୀଚଉରା ଓ ତେଲେଙ୍ଗା ବଜାରସ୍ଥିତ ରଘୁନାଥଜୀଉ ମନ୍ଦିର ନିକଟସ୍ଥ ଡମ୍ପିୟାର୍ଡରେ ଆସନ୍ତାକାଲିଠାରୁ ଆବର୍ଜନା ନ ପକାଇବା ପାଇଁ କଟକ ମହାନଗର ନିଗମକୁ ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ପାଇଁ ମହାନଗର ନିଗମ ପକ୍ଷରୁ ସହର ମଧ୍ୟରେ ୧୩ଟି କ୍ଷୁଦ୍ର ଆବର୍ଜନା କେନ୍ଦ୍ର ରହିଥିବାବେଳେ ବିଭିନ୍ନ କାରଣରୁ ଏହାର ବ୍ୟବହାର ହୋଇପାରୁନାହିଁ । ଆଜି ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ପକ୍ଷରୁ ଏହି ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

**କ୍ୟାବିନେଟ୍ ବୈଠକ-ଶ୍ରୀହରି କୋଟା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାଠାରେ ଇସ୍ରୋର

ତୃତୀୟ ଲଞ୍ଚପ୍ୟାଡ ପ୍ରତିଷ୍ଠା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଶ୍ରୀହରି କୋଟାଠାରେ ଥିବା ଦ୍ୱିତୀୟ ଲଞ୍ଚପ୍ୟାଡ ପାଇଁ ସହାୟକ ଲଞ୍ଚପ୍ୟାଡ ଭାବରେ ଏହାକୁ ବ୍ୟବହାର କରାଯିବ । ଏନେଇ ୩ ହଜାର ୯୮୪ ଦଶମିକ ୮/୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିରେ ଲଞ୍ଚପ୍ୟାଡ ପ୍ରତିଷ୍ଠା ସହ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା ଉପଲବ୍ଧ ରହିବ । ଏହି ପ୍ରକଳ୍ପ ଭାରତୀୟ ମହାକାଶ ଭିତ୍ତିଭୂମିକୁ ଅଧିକ ସକ୍ଷମ କରିବାରେ ସହାୟକ ହେବ ।

## ଇସ୍ରୋ-ସ୍ପାଡେକ୍ସ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଆଜି ସ୍ପାଡେକ୍ସ ମିଶନ ଅଧୀନରେ ଦୁଇଟି ସାଟେଲାଇଟ୍‌ର ଡକିଂ ସଫଳତାର ସହ ଶେଷ କରିଛି । ଏହି ସଫଳତା ସହ ଭାରତ ବିଶ୍ୱରେ ଚତୁର୍ଥ ରାଷ୍ଟ୍ରର ମାନ୍ୟତା ପାଇଛି । ପୂର୍ବରୁ ଆମେରିକା, ଋଷିଆ ଏବଂ ଚୀନ୍ ଏହି ସଫଳତା ହାସଲ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପଗ୍ରହର ମହାକାଶ ଡକିଂର ସଫଳ ପ୍ରଦର୍ଶନ ପାଇଁ ଇସ୍ରୋର ବୈଜ୍ଞାନିକ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ପଦ୍ମ ପୁରସ୍କାର ବିଜେତାଙ୍କୁ ସହାୟତା ରାଶି

ଚଳିତମାସରୁ ରାଜ୍ୟର ସମସ୍ତ ଜୀବିତ ପଦ୍ମ ପୁରସ୍କାର ବିଜେତାଙ୍କୁ ମାସିକ ୩୦ହଜାର ଟଙ୍କା ସମ୍ମାନ ସୂଚକ ସହାୟତା ରାଶି ପ୍ରଦାନ କରାଯିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ଏନେଇ ରାଜ୍ୟର ସମସ୍ତ ଜିଲ୍ଲାପାଳ, ଜିଲ୍ଲା ସଂସ୍କୃତି ଅଧିକାରୀଙ୍କୁ ବିଭାଗ

ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସଂପୃକ୍ତ ଜିଲ୍ଲାର ଜୀବିତ ପଦ୍ମ ପୁରସ୍କାର ବିଜେତାଙ୍କ ସବିଶେଷ ତଥ୍ୟ, ଓଡ଼ିଆ, ଭାଷା ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟକୁ ପ୍ରଦାନ କରିବାକୁ କୁହାଯାଇଛି ।

## ଧାନମଣ୍ଡି ପରିଦର୍ଶନ

ଭଦ୍ରକ ଜିଲ୍ଲାର ଦରଡା, କଲେଇ, ନଳାଙ୍ଗ ଆଦି ଗ୍ରାମର ଧାନମଣ୍ଡିକୁ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପରିଦର୍ଶନ କରିଛନ୍ତି । ଚାଷୀମାନଙ୍କ ସହିତ ଏ ସମ୍ପର୍କରେ ଆଲୋଚନା କରି ସରକାରୀ ଧାର୍ଯ୍ୟ ମୂଲ୍ୟ ସଠିକ୍ ସମୟରେ ପାଇବା ସହ ସମବାୟ ସମିତି ମିଲର ଏବଂ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଗୁରୁତ୍ୱାରୋପ କରିଛନ୍ତି ।

## - V/O –

## ନିଯୁକ୍ତି ମେଳା

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟଠାରେ ଦୁଇଦିନିଆ ମେଗା ନିଯୁକ୍ତି ମେଳା ୨୦୨୫ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ମେଳାରେ ମୋଟ ୩୭ଟି କମ୍ପାନୀର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏଥିସହ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ଏକହଜାର ଛାତ୍ରଛାତ୍ରୀଙ୍କୁ ସିଧାସଳଖ ଏହି ମେଳା ମାଧ୍ୟମରେ ନିଯୁକ୍ତି ଦେବାକୁ ବ୍ୟବସ୍ଥା କରାଯାଇଛି ।

# ଜାତୀୟ ଶିକ୍ଷାନୀତି

ରାଜ୍ୟରେ ଆସନ୍ତା ଶିକ୍ଷାବର୍ଷ ୨୦୨୫-୨୬ରୁ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ କରାଯିବା ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ନୂଆ ଶିକ୍ଷାନୀତି ଅନୁସାରେ, ଦଶମ ଏବଂ ଯୁକ୍ତ ଦୁଇ ଢାଞ୍ଚାକୁ ପରିବର୍ତ୍ତନ କରାଯାଇ ୫ ପ୍ଲସ୍ ୩ ପ୍ଲସ୍ ୩ ପ୍ଲସ୍ ୪ ଢାଞ୍ଚାରେ ବିଦ୍ୟାଳୟ ପାଠପଢ଼ାରେ ଲାଗୁ ହେବ । ଜଣେ ଶିକ୍ଷାର୍ଥୀଙ୍କର ପ୍ରାଥମିକ ଶିକ୍ଷାର ଆରମ୍ଭ ମୌଳିକ ବର୍ଷକୁ ୫ ବର୍ଷ ରଖାଯାଇଛି । ଶିକ୍ଷାନୀତିରେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି । ସ୍ଥାନୀୟ ବିଷୟବସ୍ତୁ ଓ ପ୍ରସଙ୍ଗଗୁଡ଼ିକ ସହିତ ଜାତୀୟ ପାଠ୍ୟପୁସ୍ତକକୁ ନେଇ ପାଠ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ଏହି ଶିକ୍ଷାନୀତି ଲାଗୁ ହେଲେ ଗୁଣାତ୍ମକ ଶିକ୍ଷା ସହିତ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ନ୍ୟୁନତମ ସ୍ଥାନରେ ପହଞ୍ଚିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଆଶାବ୍ୟକ୍ତ କରିଛନ୍ତି ।

ଆସନ୍ତା ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଜାତୀୟ ଶିକ୍ଷାନୀତି ଆଧାରିତ କର୍ମଶାଳା ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

# ଷ୍ଟାର୍ଟଅପ୍ ଇଣ୍ଡିଆ

ଭାରତୀୟ ଅର୍ଥନୀତିରେ ଷ୍ଟାର୍ଟଅପ୍ ଅବଦାନକୁ ସ୍ୱୀକୃତି ଦେବା ଷ୍ଟାର୍ଟଅପ୍ ପ୍ରତିଷ୍ଠାତାଙ୍କର ସୃଜନଶୀଳତା ଏବା ନିଷ୍ଠାକୁ ସମ୍ମାନ ପ୍ରଦର୍ଶନ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଆଜିର ଦିବସକୁ ଷ୍ଟାର୍ଟଅପ୍ ଦିବସ ରୂପେ ପାଳନ କରାଯାଉଛି । ୨୦୧୬ ମସିହାରେ କେନ୍ଦ୍ର ସରକାର **ଷ୍ଟାର୍ଟଅପ୍ ଇଣ୍ଡିଆ** ଯୋଜନାର ଶୁଭାରମ୍ଭ କରିଥିଲେ । ନବସୃଜନକୁ ଉତ୍ସାହିତ କରିବା ଏବଂ ଉଦ୍ୟୋଗୀଙ୍କୁ

ଅନୁକୂଳ ବାତାବରଣ ପ୍ରଦାନ କରିବା ଲକ୍ଷ୍ୟରେ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୨ରେ ଜାନୁୟାରୀ ୧୬ ତାରିଖକୁ ଜାତୀୟ ଷ୍ଟାର୍ଟଅପ୍ ଦିବସ ଭାବେ ଘୋଷଣା କରିଥିଲେ। ଷ୍ଟାର୍ଟଅପ୍ ଇଣ୍ଡିଆ ଯୋଜନାକୁ ଆଜି ୯ ବର୍ଷ ପୂରଣ ହୋଇଛି ।

## ପକ୍ଷୀଗଣନା

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅନ୍ତର୍ଗତ ଉତ୍ତର ଘୁମୁସର ବନଖଣ୍ଡରେ ଆସନ୍ତା ଶନିବାର ଦିନ ପକ୍ଷୀଗଣନା କରାଯିବ । ଏଥିପାଇଁ ବନଖଣ୍ଡ ଅଧୀନ ୫ଟି ରେଞ୍ଜରେ ଥିବା ଜଳାଶୟ ନିକଟରେ ଗଣନା ପାଇଁ ପ୍ରାଥମିକ ସ୍ତରରେ ଯୋଜନା ପ୍ରସ୍ତୁତି କରାଯାଇଛି । ଚଳିତବର୍ଷ ପ୍ରଥମଥର ପାଇଁ ବନବିଭାଗ କର୍ମଚାରୀଙ୍କ ସହ କଲେଜ ଛାତ୍ରଛାତ୍ରୀଙ୍କୁ ଗଣନାରେ ସାମିଲ କରାଯିବ । ମୁଜାଗଡ, ଗାଲେରୀ, ଜଗନ୍ନାଥପ୍ରସାଦ, ତାରସିଂ ଓ କେନ୍ଦ୍ରୀୟ ବନାଞ୍ଚଳରେ ୨୪ଟି ଜଳାଶୟ ଚିହ୍ନଟ କରାଯାଇ ପକ୍ଷୀଗଣନା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ।

## ଇକୋ ମଡେଲ ପ୍ରଦର୍ଶନୀ

ବୌଦ୍ଧ ସଦର ବ୍ଲକ ଅନ୍ତର୍ଗତ କମିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଇକୋ ମଡେଲ ପ୍ରଦର୍ଶନୀ ଆୟୋଜିତ ହୋଇଛି । ୨୧ଟି କ୍ଲଷ୍ଟରରୁ ଅଣଷଠିଟି ମଡେଲ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ୧୪ଟି ମଡେଲ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଛି ।

## ଫୁଟବଲ ପ୍ରତିଯୋଗିତା

ସମ୍ବଲପୁର ରେଳବାଇ ଷ୍ଟାଡିୟମରେ ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା ସିଏମ୍ ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୫ ବର୍ଷରୁ କମ୍ ୧୨ଟି ଫୁଟବଲ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ

ବୌଦ୍ଧ ଜିଲ୍ଲାର ତିଳେସ୍ୱର ଖେଳପଡିଆଠାରେ ୨୧ତମ ରାଜ୍ୟସ୍ତରୀୟ ତିଳେସ୍ୱର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି । ପ୍ରଥମ ଦିନ ଖେଳରେ କଟକର ମଙ୍ଗଳା କ୍ଲବ ଓ ସୋନପୁର ଶ୍ରୀୟାଂଶୁ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । କଟକ ୧-୦ ଗୋଲ୍‌ରେ ବିଜୟଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି ।

## ହକି

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ରାଞ୍ଚି ସ୍ଥିତ ଜୟପାଲ୍ ସିଂହ ହକି ଷ୍ଟାଡିୟମ୍‌ରେ ସ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ୍ ଏବଂ ଓଡ଼ିଶା ୱାରିୟର୍ସ୍ ମଧ୍ୟରେ ମ୍ୟାଚ୍ ଜାରି ରହିଛି ।

ଅନ୍ୟପକ୍ଷରେ ରାଉରକେଲା ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମ୍‌ରେ ପୁରୁଷ ବର୍ଗ ପ୍ରତିଯୋଗିତାରେ ଆଜି ବେଦାନ୍ତ କଳିଙ୍ଗ ଲାନ୍‌ର୍ସସ୍ ଓ ଦିଲ୍ଲୀ ଏସ୍.ଜି. ପାଇପର୍ସ୍ ମଧ୍ୟରେ ରାତି ୮ଟା ୧୫ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ ।